# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 July – 2025

*************************************

## ମୁଖ୍ୟ ସମ୍ବାଦ

- ବିଜ୍ଞାନ ଏବଂ ମହାକାଶ ପିଲାଙ୍କ ମନରେ ନୂଆ ଉନ୍ମାଦ ସୃଷ୍ଟି କରିଛି; କହିଲେ ପ୍ରଧାନମନ୍ତ୍ରୀ

– ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ଓଡ଼ିଶାର ହସ୍ତତନ୍ତ ଶିଳ୍ପ ଏବଂ ସଂକୀର୍ତ୍ତନର କଲେ ପ୍ରଶଂସା

- ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ ଅବଦୁଲ କଲାମଙ୍କ ପୁଣ୍ୟତିଥିରେ ସମଗ୍ର ଦେଶ ଅର୍ପଣ କରୁଛି ଶ୍ରଦ୍ଧାଞ୍ଜଳି

- କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ଆଜି ପାଳନ କରୁଛି ପ୍ରତିଷ୍ଠା ଦିବସ

ଏବଂ

- ଉପରମୁଣ୍ଡରେ ବର୍ଷା ଯୋଗୁଁ ରାଜ୍ୟର କେତେକ ଅଞ୍ଚଳରେ ସୃଷ୍ଟି ହୋଇଛି ବନ୍ୟା ପରିସ୍ଥିତି; ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ

*Desk*

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଜ୍ଞାନ ଏବଂ ମହାକାଶକୁ ନେଇ ପିଲାଙ୍କ ମନରେ ନୂଆ ଜିଜ୍ଞାସା ଜାଗ୍ରତ ହୋଇଛି । ଆକାଶବାଣୀର ଆଜି ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଇନ୍ସ୍ପାୟାର ମାନକ ଅଭିଯାନ ଉପରେ ଆଲୋକପାତ କରି କହିଛନ୍ତି ପିଲାଙ୍କ ମଧ୍ୟରେ ନବ ଉନ୍ମେଷକୁ ଏହି ଅଭିଯାନ ପ୍ରୋତ୍ସାହନ ପ୍ରଦାନ କରୁଛି । ଇତିମଧ୍ୟରେ ଏହି ଅଭିଯାନରେ ଲକ୍ଷାଧିକ ଛାତ୍ରଛାତ୍ରୀ ଯୋଡ଼ି ହୋଇସାରିଛନ୍ତି । ବିଜ୍ଞାନ, କ୍ରୀଡ଼ା, ସଂସ୍କୃତି ଏଭଳି ବିଭିନ୍ନ କ୍ଷେତ୍ରରେ ଗତ କିଛିଦିନ ମଧ୍ୟରେ ହୋଇଥିବା ପରିବର୍ତ୍ତନ ଭାରତକୁ ଗର୍ବିତ କରିଛି । ଶ୍ରୀ ମୋଦୀ' ଶୁଭାଂଶୁ ଶୁକ୍ଳାଙ୍କ ମହାକାଶ ଯାତ୍ରା ଉପରେ ଆଲୋକପାତ କରିଛନ୍ତି ।

ଆସନ୍ତା ମାସ ୨୩ ତାରିଖରେ ଜାତୀୟ ମହାକାଶ ଦିବସ ପାଳନ କରାଯିବ । ଏନେଇ ନମୋ ଆପ୍‌ରେ ବାର୍ତ୍ତା ପଠାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆସନ୍ତାମାସ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ । ଚଳିତବର୍ଷ ଏହି ଦିବସ ପାଳନର ୧୦ବର୍ଷ ପୂର୍ତ୍ତି ପାଳିତ ହେବ । ପ୍ରଧାନମନ୍ତ୍ରୀ ଏହି ଅବସରରେ ଦେଶର

ବିଭିନ୍ନ ପ୍ରାନ୍ତରେ ହସ୍ତତନ୍ତ ଶିଳ୍ପ ସହ ଜଡିତ ସଫଳତାର କାହାଣୀ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଓଡ଼ିଶାର ମୟୂରଭଞ୍ଜରେ ୬୫୦ରୁ ଅଧିକ ଆଦିବାସୀ ମହିଳା ସାନ୍ତାଳୀ ଶାଢ଼ୀକୁ ପୁର୍ନଜୀବିତ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ମହିଳାମାନେ ଅର୍ଥ ଉପାର୍ଜନ ସହ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି ।

**V/O (PM on Handloom)**

ଆସନ୍ତା ମାସରେ ପାଳନ କରାଯିବାକୁ ଥିବା ଅନ୍ୟାନ୍ୟ ଦିବସ ଗୁଡ଼ିକ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋକପାତ କରିଛନ୍ତି ।

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ପାଇଁ ଭାରତ ଆତ୍ମନିର୍ଭରଶୀଳତାର ପଥ ଦେଇ ଗତି କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଆତ୍ମନିର୍ଭର ଭାରତର ସବୁଠାରୁ ବଡ ଆଧାର ହେଉଛି ଭୋକାଲ ଫର୍ ଲୋକାଲ । ଏଥିପାଇଁ ସଂକଳ୍ପବଦ୍ଧ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି ।

ଲୋକଗୀତ ଏବଂ ପରମ୍ପରାରେ ଦେଶର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଦେଖିବାକୁ ମିଳିଥାଏ । ଏହାର ଏକ ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାର କେନ୍ଦୁଝରେ ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀର ଉଦାହରଣ ଦେଇଛନ୍ତି । ଭକ୍ତି ସହିତ ଏହି ସଂକୀର୍ତ୍ତନ ମଣ୍ଡଳୀ ପରିବେଶ ସୁରକ୍ଷାର ମନ୍ତ୍ର ପ୍ରଚାର କରୁଛି ।

ଏହାର ପ୍ରେରଣା ହେଉଛନ୍ତି ପ୍ରମିଳା ପ୍ରଧାନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM on Forest Fire)**

ପ୍ରଧାନମନ୍ତ୍ରୀ ଦେଶର ସଂସ୍କୃତି, ପରମ୍ପରା ଏବଂ ପାଣ୍ଡୁଲିପି ଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱପ୍ରଦାନ କରିଛନ୍ତି । ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ପ୍ରଧାନମନ୍ତ୍ରୀ ବିଶ୍ୱ ପୁଲିସ ଏବଂ ଫାୟାରଗେମ୍ସ ଉପରେ ଆଲୋକପାତ କରିଛନ୍ତି । ଆମେରିକାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ ୬୦୦ଟି ପଦକ ଜିତି ଇତିହାସ ସୃଷ୍ଟି କରିଛି । ୭୧ଟି ଦେଶ ମଧ୍ୟରୁ ଭାରତ ତୃତୀୟ ସ୍ଥାନରେ ରହିବା ଗର୍ବର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଖେଲୋ ଭାରତ ନୀତି ୨୦୨୫ ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପର୍ବପର୍ବାଣୀ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ନାଗପଞ୍ଚମୀ, ରକ୍ଷାବନ୍ଧନ ଏବଂ ଜନ୍ମାଷ୍ଟମୀ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

***Desk***

# କାଲାମ ଶ୍ରାଦ୍ଧବାର୍ଷିକୀ

ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଭାରତରତ୍ନ ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ଆଜି ଦଶମ ପୁଣ୍ୟତିଥି । ଏହି ଅବସରରେ ସମଗ୍ର ଦେଶ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭାରତର

ମହାକାଶ ଏବଂ କ୍ଷେପଣାସ୍ତ୍ର ବିକାଶ କ୍ଷେତ୍ରରେ ଡକ୍ଟର କଲାମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଡକ୍ଟର କଲାମଙ୍କୁ ମଧ୍ୟ ଭାରତର ମିଜାଇଲ ମ୍ୟାନ୍ ବା କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ । ୨୦୧୫ ମସିହା ଆଜିର ଦିବସରେ ସେ ଇହଲୀଳା ସମ୍ବରଣ କରିଥିଲେ। ଡକ୍ଟର କଲାମଙ୍କ ପୁଣ୍ୟତିଥି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଡକ୍ଟର କଲାମଙ୍କ ଆଦର୍ଶ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ।

ଭାରତ ରତ୍ନ ଡକ୍ଟର କଲାମଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

ଭାରତୀୟ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିଥିବା ତଥା ମିସାଇଲ ମ୍ୟାନ୍ ଭାବେ ସୁପରିଚିତ ଡକ୍ଟର କଲାମଙ୍କ ପୁଣ୍ୟତିଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କର ସ୍ମୃତିଚାରଣ କରିଛନ୍ତି।

ଡକ୍ଟର କଲାମଙ୍କ ବୈଜ୍ଞାନିକ ଚିନ୍ତାଧାରା ଦେଶ ପାଇଁ ଏକ ଆଦର୍ଶ ଉଦାହରଣ ଥିଲା। ଭାରତକୁ ରକ୍ଷା, ଅନ୍ତରୀକ୍ଷ ଓ ଶିକ୍ଷା କ୍ଷେତ୍ରରେ ସେ ଏକ ନୂଆ ଦିଗନ୍ତ ଦେଇଥିଲେ। ତାଙ୍କର ସରଳତା ସଚ୍ଚୋଟତା ଏବଂ ଦେଶପ୍ରେମ ଆଗାମୀ ପିଢ଼ିମାନଙ୍କୁ ସର୍ବଦା ପ୍ରେରଣା ଦେଉଥିବ ବୋଲି ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

*HS*

## ମୁଖ୍ୟମନ୍ତ୍ରୀ–ସିଆରପିଏଫ୍

କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ସ୍ଥାପନା ଦିବସ ଆଜି ପାଳନ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସି.ଆର.ପି.ଏଫ୍. ସହିଦଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମୁଖ୍ୟମନ୍ତ୍ରୀ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଅଖଣ୍ଡତା ରକ୍ଷା ଦିଗରେ ସି.ଆର.ପି.ଏଫ୍ ଯବାନଙ୍କ ସମର୍ପଣ ଭାବକୁ ଉଚ୍ଚପ୍ରଶଂସା କରିଛନ୍ତି।

*Desk*

## ସି.ଆର୍.ପି.ଏଫ୍. ପ୍ରତିଷ୍ଠା ଦିବସ

ଭୁବନେଶ୍ୱରସ୍ଥିତ ସି.ଆର୍.ପି.ଏଫ୍. ବାଟାଲିୟନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଆରପିଏଫ୍'ର ବୀର ଓ ନିଷ୍ଠାବାନ ଯବାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଜାତିର ସୁରକ୍ଷାକୁ  ନିଜର ଧର୍ମ ଓ କର୍ତ୍ତବ୍ୟ ଭାବେ ଗ୍ରହଣ କରିଥିବାରୁ ଯବାନଙ୍କର ଉଚ୍ଚପ୍ରଶଂସା କରିଛନ୍ତି। ସି.ଆର୍.ପି.ଏଫ୍. ଦେଶର ଏକତା ଓ ଅଖଣ୍ଡତାର ପ୍ରତୀକ ବୋଲି ସେ କହିଛନ୍ତି। ଏହି ସୁରକ୍ଷାବଳ ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁନିଶ୍ଚିତ କରିବା ସହିତ ସାହସ ଓ ସମର୍ପଣ ଦ୍ୱାରା ପ୍ରତ୍ୟେକ ଭାରତୀୟଙ୍କ ମନରେ ଏକ ଅତୁଟ ବିଶ୍ୱାସର ଭାବନା ସୃଷ୍ଟି କରିଛି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

*Nabarangpur*

## ସାଇକେଲ ର୍‍୍ୟାଲି

ନବରଙ୍ଗରପୁର ଜିଲ୍ଲାରେ ୧୨ ବାଟାଲିୟନ ସି.ଆର୍.ପି.ଏଫ୍. ପକ୍ଷରୁ ଆଜି ଫିଟ୍ ଇଣ୍ଡିଆ ସାଇକେଲ ରାଲି ଅନୁଷ୍ଠିତ ହୋଇଛି। ସି.ଆର୍.ପି.ଏଫ୍.ର ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁଷ୍ଠିତ ଏହି ରାଲିକୁ କମାଣ୍ଡାଣ୍ଟ ଏନ୍.କେ.କେ ପ୍ରସାଦ ଶୁଭାରମ୍ଭ କରିଥିଲେ। ସି.ଆର୍.ପି.ଏଫ୍ କ୍ୟାମ୍ପରୁ ବାହାରି ଥିବା ଏହି ର୍‍୍ୟାଲି ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ନେଇ ସହର ପରିକ୍ରମା କରିଥିଲା।

*Desk*

# ଜନଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତାକାଲି ଅନୁଷ୍ଠିତ ହେବ । ଏଥିଲାଗି ଏକ ହଜାର ଜଣ ଆବେଦନକାରୀ ଅନ୍‌ଲାଇନ୍ ଜରିଆରେ ନାମ ପଞ୍ଜିକରଣ କରିଛନ୍ତି । ଆସନ୍ତାକାଲି ସକାଳ ୮ଟାରୁ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ ।

*BBSR/C*

## ବନ୍ୟା

ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ଉତ୍ତରାଞ୍ଚଳର କେତେକ ଜିଲ୍ଲାରେ ବନ୍ୟା ପରିସ୍ଥିତି ଦେଖା ଦେଇଛି। ସୁବର୍ଣ୍ଣରେଖା, ଜଳକା ଏବଂ

ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଇବା ପରେ ଅନେକ ଗାଁ ଜଳମଗ୍ନ ହେବା ସହ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଛି ।

ଯାଜପୁର ଜିଲ୍ଲା ଆଖୁଆପଦାରେ ବୈତରଣୀ ନଦୀ ବିପଦ ସଙ୍କେତ ଅତିକ୍ରମ କରିଥିଲେ ମଧ୍ୟ ଏବେ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି । ସେଠାରେ ବିପଦ ସଙ୍କେତ ୧୮ ଦଶମିକ ୩/୩ ମିଟର ଥିବା ବେଳେ ଏବେ ଜଳସ୍ତର ୧୮ ଦଶମିକ ୧/୮ ମିଟର ରହିଛି । ବୈତରଣୀ ଶାଖା ନଦୀ କାଣୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଅନେକ ଗାଁରେ ବନ୍ୟା ଜଳ ପ୍ରବେଶ କରିଛି ।

ହୀରାକୁଦ ଡ୍ୟାମରୁ ବନ୍ୟାଜଳ ଛଡ଼ାଯିବା ପରେ ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ କଟକ ଜିଲ୍ଲା ଭଟ୍ଟାରିକା ମନ୍ଦିର ପ୍ରଭାବିତ ହୋଇଛି । ବନ୍ୟାଜଳ ତଳିଆ ଅଞ୍ଚଳରେ ମଧ୍ୟ ପ୍ରବେଶ କରିଛି ।

ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକରେ ଜଳକା ନଦୀରେ ବନ୍ୟା ଦେଖାଦେଇଛି । ବନ୍ୟା ଜଳ ଯେଭଳି ଅଧିକ ଅଞ୍ଚଳକୁ ନ ବ୍ୟାପିବ ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବାଲିବସ୍ତା ଏବଂ ବାଉଁଶ ବଳୟ ବ୍ୟବହାର କରାଯାଉଛି । ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ି କହିଛନ୍ତି...

**- V/O -**

ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୧୪ ଘନଫୁଟ ରହିଥିଲା।  ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୫ ଲକ୍ଷ ୧୭ ହଜାର ଘନଫୁଟ ଜଳ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୩ ଲକ୍ଷ ୪୧ ହଜାର  ଘନଫୁଟ ଜଳ ନିଷ୍କାସନ କରାଯାଉଛି । ରେଙ୍ଗାଲୀରେ ତିନୋଟି ଗେଟ୍‌ରେ ବନ୍ୟାଜଳ ନିଷ୍କାସିତ ହେଉଛି, ଆଉ ଗେଟ୍ ଖୋଲିବାର ସମ୍ଭାବନା ନାହିଁ ବୋଲି ଜଳ ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି।